ଅନୁଗୋଳ/ଢେଙ୍କାନାଳ
ଓଡ଼ିଶା ଭାସ୍କର

ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସେବା ସେତୁ ଅଭିଯାନ



ସାନଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍‌ର ଆଡ଼ପଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ସେବା ସେତୁ ଅଭିଯାନ ୨୦୨୬ କାର୍ଯ୍ୟକ୍ରମ ବିଡ଼ିଓ ଜିତେନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସୂଦନ ବିଶେୟୀ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଓ ସୁବିଧା ଗୋଟିଏ ସ୍ଥାନରେ ଉପଲବ୍ଧ କରାଇବା। ଏହାଦ୍ୱାରା ହିତାଧିକାରୀମାନଙ୍କୁ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ଏଥିସହ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନା ସହ ସଂଯୋଜିତ କରିବା, ଆବେଦନ ପ୍ରକ୍ରିୟାରେ ସହଯୋଗ କରିବା ଏବଂ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ଓ ଭତ୍ତା ବଣ୍ଟନ କରାଯିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଆଡ଼ପୁଡା ସରପଞ୍ଚ ସମିଷ୍ଟ ରାଉତ, ସମିତି ସଭ୍ୟା ନୟନୀ ପ୍ରଧାନ, ପୂର୍ବତନ ସରପଞ୍ଚ ନୀଳ ମାଧବ ରାଉତ,ଖାଦ୍ୟ ଯୋଗାଣ ଅଧିକାରୀ ,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସୂଦନ ବିଶେୟୀ ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରମାକାନ୍ତ ମାଝୀ, ଅଡିଓ ତ୍ରିପତି ସାହୁ , ଗ୍ରାମୀଣ ଗୃହ ଅଧିକାରୀ ବିଭୂତି ଭୂଷଣ ବେହେରା, ସମେତ ସ୍ଥାନୀୟ ଓ ବିଭିନ୍ନ ବିଭାଗ ର ଅଧିକାରୀ ସହ ଏମ୍ଦିକେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ।

ଯୌତୁକ ମୁକ୍ତ ସମାଜ, ଆଇନ୍ ଓ ନାରୀ ଅଧିକାର କର୍ମଶାଳା



ସୁବର୍ଣ୍ଣପୁର(ଭାସ୍କର ନ୍ୟୁଜ୍): ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ପ୍ରଥା ନିଷେଧ ଆଇନ, ୧୯୬୧ ଉପରେ ଏକ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା।ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା କୋର୍ଟର ସରକାରୀ ଓକିଲ ମଧୁମିତା ଅମାତ୍ୟ ଏବଂ ଶିଶୁ କଲ୍ୟାଣ କମିଟିର ସଦସ୍ୟ ରଂଜିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନଙ୍କୁ ଯୌତୁକ ପ୍ରଥା ନିଷେଧ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ସମ୍ବିଧାନ, ଗଣତନ୍ତ୍ର, ଝିଅମାନଙ୍କ ଅଧିକାର ଏବଂ ଆଇନ ସମ୍ପର୍କରେ ଅବଗତ ହୋଇ ସେମାନେ କିପରି ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ଅତ୍ୟାଚାରକୁ ପ୍ରତିରୋଧ କରିପାରିବେ, ସେ ବିଷୟରେ କର୍ମଶାଳାରେ ସୂଚନା ଦିଆଯାଇଥିଲା। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ କହିଥିଲେ ଯେ, ଯୌତୁକ ପ୍ରଥା ଏବେ ମଧ୍ୟ ସମାଜରେ ପ୍ରଚଳିତ ରହିଛି। ଝିଅମାନେ ଶିକ୍ଷିତ ହେବା ପରେ ମଧ୍ୟ ଯୌତୁକ ପ୍ରଥାର ଶିକାର ହେଉଛନ୍ତି। ତେଣୁ ଏହି ପ୍ରଥା ବିରୋଧରେ ସମସ୍ତଙ୍କୁ ନିଜର ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଯୌତୁକର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଝିଅମାନଙ୍କୁ ଆଗକୁ ଆସିବାକୁ ପଡ଼ିବ ଏବଂ ଏଥିପାଇଁ ସେମାନେ ନିଜ ଅଧିକାର ଓ ଆଇନ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ।ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର କର୍ମଶାଳା ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ କର୍ମଶାଳା ପରିଚାଳନା କରିଥିଲେ।

ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ



ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଫାର୍ମାସୀ କାଉନସିଲ୍ ଅଫ୍ ଇଣ୍ଡିଆ ଏବଂ ଏଫ.ଆଇ.ପି ର ମାର୍ଗଦର୍ଶିକା ଅନୁଯାୟୀ ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୫ ତାରିଖକୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ରୁପେ ପାଳନ କରାଯାଏ । 'ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟମାନଙ୍କୁ ସଶକ୍ତ କରିବା" ବିଶୟକୁ ନେଇ ଆଜିର ଫାର୍ମାସୀ ଦିବସର ମୁଖ୍ୟ ଆଲୋଚନାର ବିଷୟବସ୍ତୁ ଥିଲା । ଅନୁଷ୍ଠାନର ଡାଇରେକ୍ଟର ଡ଼ା: ମନୋରଞ୍ଜନ ସାହୁ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୟାଲ କଲେଜ ଅଫ ଫାର୍ମାସୀ ବ୍ରହ୍ମପୁରରୁ ପ୍ରଫେସର ସୁଧୀର କୁମାର ସାହୁ, ଏବଂ ପ୍ରଫେସର ଘନଶ୍ୟାମ ପାଣିଗ୍ରାହୀ ଅତିଥିରୁପେ ଯୋଗଦେଇ ଫାର୍ମାସି ଦିବସ ର ଆଭିମୁଖ୍ୟ ସମ୍ପର୍କ ରେ ଉଦବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସିପିଏସ ମୋହୁଡ଼। ବୈଷୟିକ ବିଦ୍ୟାଳୟ ର ପ୍ରଫେସର ସଂଜୀବ ପାତ୍ର ଯୋଗଦେଇ ରୋଗମୁକ୍ତ ଭବିଷ୍ୟତ ପାଇଁ ସଶକ୍ତ ଫାର୍ମାସିଷ୍ଟ ଙ୍କ ଭୂମିକା ସମ୍ପର୍କ ରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଜଗଦିଶ ଖୁଣ୍ଟିଆ, ପ୍ରାଧ୍ୟାପିକା ପ୍ରିୟଙ୍କା ପଢ଼ି ପ୍ରମୁଖ ମଞ୍ଚାସୀନ ଥିଲେ ।ଫାର୍ମାସିଷ୍ଟ ମାନଙ୍କ କାର୍ଯ୍ୟ ଓ ସମାଜ ପାଇଁ ସେମାନଙ୍କ ଅବଦାନ ବିଷୟରେ ଡାଇରେକ୍ଟର ସାହୁ ଛାତ୍ରଛାତ୍ରୀମାନଙ୍କୁ ନିଜ ଅଭିଭାଷଣରେ କହିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ସବୁସମୟରେ ଠିକ୍ ରୁହେନି, ବାରମ୍ବାର ରୋଗରେ ଆକ୍ରାନ୍ତ ହୋଇ ଅନେକ ଲୋକ ଜୀବନ ହରାଉଛନ୍ତି। ଏହାର ପ୍ରମୁଖ କାରଣ ହେଲା ନିୟମିତ ଠିକ୍ ରୋଗ ପାଇଁ ଠିକ୍ ଔଷଧର ସେବନ କରାନଯିବା। ଏହି ଦିଗରେ କେବଳ ଫାର୍ମାସିଷ୍ଟ ମାନେ କେଉଁ ରୋଗ ପାଇଁ କି ପ୍ରକାରର ଔଷଧ ଆବଶ୍ୟକ ତାହା ଉଦ୍ଭାବନ କରନ୍ତି ଓ ଏହାଦ୍ୱାରା କିପରି ଅନ୍ୟଙ୍କ ଜୀବନ ରକ୍ଷା କରିବାରେ ସହାୟତା ହୋଇଥାଏ ବୋଲି ଅତିଥି ଓ ବକ୍ତା ନିଜ ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଇଁ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା

ନିଶାମୁକ୍ତ ଯୁବପିଢ଼ି ହିଁ ବିକଶିତ ଭାରତର ଆଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ୍ ରିସର୍ଚ୍ଚ (ଆଇଟିଆଇଆର) ପରିସରରେ 'ନଶା ମୁକ୍ତ ଯୁବ-ବିକଶିତ ଭାରତ ୨.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନଶାମୁକ୍ତ ଭାରତ ଅଭିଯାନ ଆହ୍ୱାନକ୍ରମେ, ସୋଆ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଏହି କାର୍ଯ୍ୟକ୍ରମରେ ସୋଆର ଉପ-କୁଳପତି ପ୍ରଫେସର ପି. କେ. ପାତ୍ର ଯୁବଶକ୍ତିକୁ ଦେଶ ଗଠନରେ ନିୟୋଜିତ କରିବା ସହ ସୁସ୍ଥ ଓ ଶୃଙ୍ଖଳିତ ଜୀବନ ବାଛିବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଅଜିତ କୁମାର କୁଶୱାହା ଏହାକୁ ଏକ ଜନଆନ୍ଦୋଳନ ଭାବେ ବର୍ଣ୍ଣନା କରିଥିଲେ। ଏହାସହିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସପିଟାଲ୍‌ର ବିଶେଷଜ୍ଞ ଡାକ୍ତରମାନେ



ନିଶାଦ୍ରବ୍ୟ ଯକୃତ, ହୃଦୟ ଓ ମସ୍ତିଷ୍କକୁ କିପରି କ୍ଷତି ପହଞ୍ଚାଏ, ସେ ସମ୍ପର୍କରେ ବୁଝାଇଥିଲେ। ଡାକ୍ତର ଅବିନାଶ ମିଶ୍ର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆତ୍ମସଂଯମ ପାଇଁ ପ୍ରତିଦିନ ଭଗବଦ୍ ଗୀତା ପାଠ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶତାଧିକ ଛାତ୍ରଛାତ୍ରୀ ନଶାମୁକ୍ତ ଭାରତ ଗଠନର ଶପଥ ନେଇଥିଲେ।

ଉପୁଡ଼ିଲା ଗଛ, ୩ ଘର କ୍ଷତିଗ୍ରସ୍ତ

ଉମରକୋଟ(ଭାସ୍କର ନ୍ୟୁଜ୍): ବର୍ଷାର ବିପ୍ରାତ ସେତେ ନାହିଁ। ରାତିରୁ ଝିପି ଝିପି ବର୍ଷା ହେଉଛି ଆଉ କେତେ ବେଳେ ଟିକେ ଅଧିକ ମାତ୍ରାରେ ହେଉଛି। ୮୨ ମୀମି ବର୍ଷା। ହେଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ରେକର୍ଡ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଉମରକୋଟ ତହସିଲ କାର୍ଯ୍ୟାଳୟକୁ ଆସିଥିବା ସୂଚନା ଅନୁଯାୟୀ ଉମରକୋଟ ବ୍ଲକ ଅନ୍ତର୍ଗତ କାରାଗାଁ ଗ୍ରାମ ପଞ୍ଚାୟତର ଡୁମାର ଓଡ଼ା ଗ୍ରାମରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡ଼ି ପଡ଼ି ଯିବାରୁ ଶ୍ରୀଧର ଜାନି, ଟୁଟୁ ଜାନୀ ଓ କମଳୁ ଜାନିଙ୍କ ଘର ଆଂଶିକ କ୍ଷୟକ୍ଷତି ହେଇଛି। ବର୍ତ୍ତମାନ ଉମରକୋଟ ଅଗ୍ନି ଶ୍ରମ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ତେନ୍ତୁଳି ଗଛକୁ କାଟିକି ସଫା କରି ଦେଇଛନ୍ତି।

ସମବାୟ ସଦସ୍ୟତା ମହାଅଭିଯାନ "ସମ୍ବନ୍ଧ"ର ଶୁଭାରମ୍ଭ



ଭଦ୍ରକ(ଭାସ୍କର ନ୍ୟୁଜ୍): ଓଡ଼ିଶା ସମବାୟ ନୀତି–୨୦୨୬ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ସମ୍ବନ୍ଧ' ସମବାୟ ସଦସ୍ୟତା ମହାଅଭିଯାନର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହାର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ, ଡଟଇଞ୍ଚଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ହୋଇଯାଇଛି। ଗ୍ରାମୀଣ ଅଞ୍ଚଳର ପ୍ରତ୍ୟେକ ପରିବାରରୁ ଅନ୍ୟୁନ ଜଣେ ସଦସ୍ୟଙ୍କୁ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତି ସହ ସଂଯୋଜିତ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଏଥିସହ ମହିଳା ଓ ଯୁବବର୍ଗଙ୍କ ସମବାୟ ବ୍ୟବସ୍ଥାରେ ଅଧିକ ଅଂଶଗ୍ରହଣ, ନୂତନ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତ୍ତିକ ସଦସ୍ୟତା ବ୍ୟବସ୍ଥା ଗଠନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଜ୍ୟୋତି ପ୍ରକାଶ ମହାକୁଡ଼, ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି ଦୁଖିଆ ଟୁଡୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର ଓ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯାନ ଅନ୍ତର୍ଗତ ସମବାୟ ସଦସ୍ୟତାରୁ ବଞ୍ଚିତ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରାଯିବ। ଏଥିପାଇଁ ଗ୍ରାମସ୍ତରରେ ଘରକୁ ଘର ପ୍ରଚାର ସହ ସଦସ୍ୟତା ନାମଲେଖା କରାଯିବ। ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଡିଜିଟାଲ୍ ଭାବେ ଆବେଦନ ଗ୍ରହଣ କରାଯାଇ ସଂପୃକ୍ତ ଚଇଉଝ/ଖଇଗଚଉଝକୁ ଯାଞ୍ଚ ଓ ଅନୁମୋଦନ ପାଇଁ ପଠାଯିବ।ଦୁଇ ମାସ ଧରି ଚାଲିବାକୁ ଥିବା ଏହି ମହାଅଭିଯାନ ମାଧ୍ୟମରେ ଭଦ୍ରକ ଜିଲ୍ଲାର ଅଧିକ ସଂଖ୍ୟକ ଗ୍ରାମୀଣ ପରିବାରକୁ ସମବାୟ ବ୍ୟବସ୍ଥାର ପରିସରଭୁକ୍ତ କରିବା ସହ ଜିଲ୍ଲାରେ ଏକ ବ୍ୟାପକ ଡିଜିଟାଲ୍ ସଦସ୍ୟତା ତଥ୍ୟଭଣ୍ଡାର ଗଠନ ଲକ୍ଷ୍ୟ ରଖାଯାଇଛି।ଉକ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ଇଂରାଜୀ ଭାଷା ସମୃଦ୍ଧି ଆବାସିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଅନୁଗୋଳ(ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଇଂରାଜୀ ଭାଷାର ଦକ୍ଷତା, ଆତ୍ମବିଶ୍ୱାସ ଓ ଯୋଗାଯୋଗ କୌଶଳ ବିକାଶ କରିବା ଉଦ୍ଦେଶ୍ୟରେ ଆୟୋଜିତ ପଞ୍ଚଦିବସୀୟ ଜିଲ୍ଲାସ୍ତରୀୟ ଇଂରାଜୀ ଭାଷା ସମୃଦ୍ଧି ଆବାସିକ ପ୍ରଶିକ୍ଷଣ ଶିବିର ଆଜି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଅନୁଗୋଳଠାରେ ସଫଳତାର ସହ ଉଦଯାପିତ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ପି.ଏମ୍. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଅନୁଗୋଳର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରିୟବ୍ରତ ମାଝୀ ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳୁଜ ଗଡ଼ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୮ଟି ବ୍ଲକରୁ ମୋଟ ୬୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ଥିଲା ଶିକ୍ଷକମାନଙ୍କ ଇଂରାଜୀ ଭାଷା ଶିକ୍ଷାଦାନ ଦକ୍ଷତାକୁ ସୁଦୃଢ଼ କରିବା ସହ ଶ୍ରେଣୀଗୃହରେ ଅଧିକ ଆକର୍ଷଣୀୟ, ଶିଶୁକେନ୍ଦ୍ରିକ ଓ ଭୟମୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରିବା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ତୃପ୍ତିମୟୀ ଭୁତିଆ, ରାଜଲକ୍ଷ୍ମୀ ସାହୁ, ଚିନ୍ମୟୀ ମହାପାତ୍ର, ଅରୁଣ କୁମାର ବାଘ, ସୁଜିତ ସୁମନ ସାହୁ ଓ ସୁନୀଲ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଇ-କଣ୍ଟେଣ୍ଟର ବ୍ୟବହାର, ଭିଡିଓ ଓ ଆଲେଖ୍ୟ ମାଧ୍ୟମରେ ଭାଷା ଶିକ୍ଷାଦାନ, ଇଂରାଜୀ କଥୋପକଥନ, ଦଳଗତ କାର୍ଯ୍ୟ, ଅନୁଭୂତି ବିନିମୟ ଏବଂ ବ୍ୟବହାରିକ ଶିକ୍ଷଣ ପଦ୍ଧତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷାର୍ଥୀମାନେ ଯେପରି ଇଂରାଜୀ ଭାଷାକୁ କେବଳ ପାଠ୍ୟ ବିଷୟ ଭାବେ ନୁହେଁ, ବରଂ ଦୈନନ୍ଦିନ ଯୋଗାଯୋଗ ଓ ଅଭିବ୍ୟକ୍ତିର ଏକ ସହଜ ମାଧ୍ୟମ ଭାବେ ଗ୍ରହଣ କରିପାରିବେ, ସେଥିପାଇଁ ବିଭିନ୍ନ କାର୍ଯ୍ୟଭିତ୍ତିକ ଓ ଶିଶୁକେନ୍ଦ୍ରିକ ଶିକ୍ଷଣ କୌଶଳ ପ୍ରଦର୍ଶନ କରାଯାଇଥିଲା। ବିଶେଷକରି, ଶ୍ରେଣୀଗୃହରେ ଶିକ୍ଷାର୍ଥୀଙ୍କ ମନରୁ ଇଂରାଜୀ କହିବା ପ୍ରତି ଭୟ ଓ ସଙ୍କୋଚ ଦୂର କରିବା, ଭୁଲକୁ ଶିକ୍ଷଣର ଏକ ସ୍ୱାଭାବିକ ଅଂଶ ଭାବେ ଗ୍ରହଣ କରିବା ଏବଂ "ଶୁଣିବା–କହିବା–ପଢ଼ିବା–ଲେଖିବା" ଚାରୋଟି ଭାଷା ଦକ୍ଷତାର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ମାଧ୍ୟମରେ ଶିକ୍ଷକମାନେ ନିଜ ଶ୍ରେଣୀଗୃହରେ ଅଧିକ ସକ୍ରିୟ, ସହଭାଗୀତାମୂଳକ ଓ ଆନନ୍ଦଦାୟକ ଭାଷା ଶିକ୍ଷଣ ପରିବେଶ ସୃଷ୍ଟି କରିବାର ଅନୁଭବ ହାସଲ କରିଥିଲେ। ଶିବିରର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ସଂଯୋଜକ ମନୋରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ପ୍ରଶିକ୍ଷାର୍ଥୀ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଇଂରାଜୀ ଭାଷାର ଦକ୍ଷ ଓ ପ୍ରଭାବଶାଳୀ ଶିକ୍ଷକ ଭାବେ ନିଜକୁ ବିକଶିତ କରିବା ସହିତ ଆଗାମୀ ପିଢ଼ିର ଶିକ୍ଷାର୍ଥୀମାନଙ୍କୁ ଇଂରାଜୀ ଭାଷାରେ ଆତ୍ମବିଶ୍ୱାସୀ ଓ ଦକ୍ଷ କରିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ଭାଷା ଶିକ୍ଷା କେବଳ ପରୀକ୍ଷାରେ ଭଲ ଫଳାଫଳ ପାଇଁ ନୁହେଁ; ଏହା ଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା, ଚିନ୍ତନଶକ୍ତି ଓ ଯୋଗାଯୋଗ କୌଶଳ ବିକାଶର ଏକ ମୁଖ୍ୟ ମାଧ୍ୟମ। ତେଣୁ ପ୍ରତ୍ୟେକ ଶିକ୍ଷକ ଶ୍ରେଣୀଗୃହରେ ଏପରି ପରିବେଶ